# ତହସିଲଦାରଙ୍କ କାର୍ଯ୍ୟାଳୟ, କନ୍ଧମାଳ ।

(ଦୀର୍ଘ ମିଆଦି ଲଘୁ ଖଣିଜ ଲିଜ ନିମନ୍ତେ ନିଲାମ ବିଜ୍ଞପ୍ତି)

ବିଜ୍ଞାପନ ସଂଖ୍ୟା 637 ତାରିଖ ୨୪.୦୨.୨୦୨୧ /

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ବୌଦ୍ଧ ଜିଲ୍ଲା ଅନ୍ତର୍ଗତ କନ୍ଧମାଳ ତହସିଲରେ ଥିବା ନିମ୍ନଲିଖିତ ଲଘୁ ଖଣିଜ ଦ୍ରବ୍ୟ ଉତ୍ସଗୁଡିକୁ ୨୦୨୦-୨୧ ବର୍ଷଠାରୁ ୫ ବର୍ଷ ପାଇଁ ଦୀର୍ଘ ମିଆଦି ଲିଜ ସୂତ୍ରେ ବନ୍ଦୋବସ୍ତ କରିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ **OMMC Rules 2016** ପ୍ରକାରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ " M" ତିନିକିତା ପୂରଣ କରି ଏଥି ସହିତ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଜଉମୁଦଦିଆ ଲଫାପାରେ ଲଫାପାଉପରେ ଉତ୍ସର ନାମ ଲେଖା ଥାଇ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉଦ୍ଦିଷ୍ଟ ଟେଣ୍ଡର ବାକ୍ସରେ ଆସନ୍ତା ତା:**26.02.2021** ରିଖଠାରୁ ତା:**06.03.2021**ରିଖ ଅପରାହ୍ନ ୩.00 ଘ. ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟ ଦିବସରେ ଆବେଦନପତ୍ର ଦାଖଲ କରିପାରିବେ । ଉପରୋକ୍ତ ଧାର୍ଯ୍ୟ ସମୟପରେ ପ୍ରାପ୍ତ କିମ୍ବା ଅସମ୍ପୂର୍ଣ୍ଣ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ । ଧାର୍ଯ୍ୟ ତାରିଖ ଓ ସମୟ ମଧ୍ୟରେ ପ୍ରାପ୍ତ ସମସ୍ତ ଦରଖାସ୍ତ ଗୁଡିକୁ ତା. **06.03.2021**ରିଖ ଅପରାହ୍ନ 4.00 ଘ. ସମୟରେ ସମସ୍ତ ଦରଖାସ୍ତକାରୀ କିମ୍ବା ସେମାନଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଜଉମୁଦଦିଆ ବାକ୍ସ ଓ ଲଫାପା ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ ଓ ସର୍ବୋଚ୍ଚ ଦେୟ ରାଶି ପ୍ରଦତ୍ତ ଦରଖାସ୍ତକାରୀଙ୍କୁ ଲଘୁ ଖଣିଜ ଲିଜ ପାଇଁ ଯୋଗ୍ୟ ବିବେଚନା କରାଯିବ ।

କୌଣସି କ୍ଷେତ୍ରରେ ଆବେଦନକାରୀଙ୍କ ଦ୍ୱାରା ପ୍ରଦତ୍ତ ଅତିରିକ୍ତ ଦେୟ ରାଶି ରୟାଲିଟିର ଶତକଡା ୫ ଭାଗରୁ କମ ହେବ ନାହିଁ । ଆବେଦନକାରୀଙ୍କ ଦ୍ୱାରା ଉଲ୍ଲିଖିତ ସର୍ବୋଚ୍ଚ ଅତିରିକ୍ତ ଦେୟ ରାଶି ଭିତ୍ତିରେ ଯୋଗ୍ୟ ଲିଜଧାରୀ ଚୟନ କରାଯିବ । ଏକାଧିକ ଆବେଦନକାରୀ ଅନ୍ୟଥା ଯୋଗ୍ୟ ଥାଇ ସମ୍ପୃକ୍ତ ସୈରାତ ଉତ୍ସ ନିମନ୍ତେ ସମାନ ଅତିରିକ୍ତ ଦେୟରାଶି ଦର୍ଶାଇଥିଲେ ଲଟେରୀ ଦ୍ୱାରା ଯୋଗ୍ୟ ଲିଜଧାରୀ ସ୍ଥିର କରାଯିବ । ବିଜ୍ଞାପନ ସମ୍ବନ୍ଧୀୟ ସବିଶେଷ ବିବରଣୀ ତହସିଲଦାର, କନ୍ଧମାଳ ଓ ଏହି ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଏବଂ ବୌଦ୍ଧ ଜିଲ୍ଲା ୱେବସାଇଟ(www.boudh.nic.in)ରେ ଉପଲବ୍ଧ ହେବ । ଆବଶ୍ୟକସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ନିଲାମ ସ୍ଥଗିତ କିମ୍ବା ରଦ୍ଦ କରି ପାରିବେ ।

୨୪/୦୨/୨୦୨୧

ତହସିଲଦାର, କନ୍ଧମାଳ ।

ପରିପତ୍ର ସଂଖ୍ୟା 638 ତାରିଖ ୨୪.୦୨.୨୦୨୧ /

ଏହାର ନକଲ ତହସିଲ କାର୍ଯ୍ୟାଳୟ, ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଟକାଗଲା ।

ଏହାର ନକଲ କନ୍ଧମାଳ ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକ/କନ୍ଧମାଳ ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ସରପଞ୍ଚ/ଗୋଷ୍ଠୀ ଉନ୍ନୟନ ଅଧିକାରୀ, କନ୍ଧମାଳଙ୍କ ଅବଗତି ତଥା ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

୨୪/୦୨/୨୦୨୧

ତହସିଲଦାର, କନ୍ଧମାଳ ।

ପରିପତ୍ର ସଂଖ୍ୟା 639 ତାରିଖ ୨୪.୦୭. ୨୦୨୧

ଏହାର ନକଲ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବୌଦ୍ଧ/D.I.O., NIC, Boudhଙ୍କ ଅବଗତି ଓ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । D.I.O., NIC, Boudhଙ୍କୁ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନଟି ବୌଦ୍ଧ ଜିଲ୍ଲା ୱେବସାଇଟରେ ଜନସାଧାରଣଙ୍କ ସୂଚନା ନିମନ୍ତେ ପ୍ରଦର୍ଶିତ କରିବେ ।

ତହସିଲଦାର, କଣ୍ଟାମାଳ ।

ପରିପତ୍ର ସଂଖ୍ୟା 640 ତାରିଖ ୨୪.୦୭. ।୨୦୨୧

ଏହାର ନକଲ ଜିଲ୍ଲାପାଳ, ବୌଦ୍ଧ/ଉପ-ଜିଲ୍ଲାପାଳ, ବୌଦ୍ଧଙ୍କ ସଦୟ ଅବଗତି ଓ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, କଣ୍ଟାମାଳ ।

## ଦରଖାସ୍ତ ସମ୍ବନ୍ଧୀୟ ଆବଶ୍ୟକୀୟ କାଗଜାତ

୧ ଦରଖାସ୍ତକାରୀ ତିନିକିତା ଦରଖାସ୍ତ(Form-M) ପୂରଣ କରି ଏହା ସହିତ ସମସ୍ତ କାଗଜାତକୁ ଏକ ବଡ ଲଫାପାରେ ଭର୍ତ୍ତିକରି ଲଫାପା ଉପରେ ସ୍ପଷ୍ଟ ଭାବରେ ସୈରାତ ଉତ୍ସର ନାମ, ଦରଖାସ୍ତକାରୀଙ୍କ ନାମ, ଠିକଣା ଓ ମୋବାଇଲ ନମ୍ବର ଦେବେ ।

୨. ବାବଦକୁ ଟ.୧୦୦୦/-(ଏକ ହଜାର ଟଙ୍କା) ଅଣ ଫେରସ୍ତ ରାଶିର ଟ୍ରେଜେରୀ ଚାଲାଣ ଦାଖଲ କରିବେ ।
No-. " 0853 –Non Ferrous Mining and Metallurgical-102-Mineral Concession Fees, and Royalties 0217 receipt under Odisha Minor Mineral Concession Fees(new)-02021 collection of fees, rent & royalties(new)".

୩. ଦରଖାସ୍ତକାରୀଙ୍କ ନାମରେ ଖଣିଜ ଦ୍ରବ୍ୟ ଦେୟ ବାବଦରେ ଓଡିଶା ସରକାରଙ୍କଠାରେ ବକେୟା ନ ଥିବା ଓ ନିଜ ନାମରେ କୌଣସି ଅପରାଧିକ ମାମଲା ନ ଥିବା ସମ୍ବନ୍ଧେ ଏକ ସଦ୍ୟ ସତ୍ୟପାଠ ଦାଖଲ କରିବେ ।

୪ . ପ୍ରସ୍ତାବିତ ଉତ୍ସର ଚୌହଦ୍ଦିର ସଂପୂର୍ଣ୍ଣ ବିବରଣୀ(ଉତ୍ସକୁ ପରିଦର୍ଶନ କରି) ତହସିଲ ନକ୍ସା ସହ ମେଳ କରି ଦରଖାସ୍ତ ସହ ସଂଲଗ୍ନ କରିବେ ।

୫. ଦରଖାସ୍ତ ସହିତ EMD ରାଶି ବାବଦକୁ ଉକ୍ତ ସୈରାତ ଉତ୍ସର ମୋଟ ବାର୍ଷିକ ଦେୟର ୧୦ % ବ୍ୟାଙ୍କ ଡ୍ରାଫ୍ଟ ଜରିଆରେ ତହସିଲଦାର, କଣ୍ଟାମାଳଙ୍କ ନାମରେ(payable at Kantamal) ପ୍ରଦାନ କରିବେ ।

(EMD calculation: 10 % of {MGQ X (Royalty + Addl. Charges) (ବିଜ୍ଞପ୍ତି ଅନୁସାରେ)}

୬. ବ୍ୟାଙ୍କ ଗ୍ୟାରେଣ୍ଟି (1½ ବର୍ଷ validity) ଯାହାକି ଦରଖାସ୍ତ କରୁଥିବା ସୈରାତ ଉତ୍ସର ବାର୍ଷିକ ମୂଲ୍ୟ{MGQ X (Royalty + Addl. Charges)(ବିଜ୍ଞପ୍ତି + ପ୍ରାର୍ଥୀଙ୍କ ଅନୁସାରେ)} ଠାରୁ ଅଧିକ ହୋଇଥିବ ।

୭. ଆୟକର ସମ୍ପର୍କିତ ନିକାଶୀ ପ୍ରମାଣପତ୍ର(Income Tax Clearance Certificate) କିମ୍ବା Assessment year ର IT Return ର ନକଲ ଦାଖଲ କରିବେ ।

୮. ଦରଖାସ୍ତକାରୀ ଆଧାର କାର୍ଡ ଓ ପାନ କାର୍ଡର ନକଲ ଦାଖଲ କରିବେ ।

## ବିଶେଷ ଦ୍ରଷ୍ଟବ୍ୟ :

୧ ଦରଖାସ୍ତକାରୀ ଦରଖାସ୍ତ କରିବା ପୂର୍ବରୁ ସୈରାତ ଉତ୍ସ ଗୁଡିକୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ପଦାର୍ଥ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବେ ।

୨ ଦରଖାସ୍ତକାରୀଙ୍କୁ କୌଣସି ପରିସ୍ଥିତିରେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ରୟାଲିଟି ଓ ଅତିରିକ୍ତ ମୂଲ୍ୟରୁ କମ ଦରରେ ଲିଜ ଅନୁମୋଦନ କରାଯିବ ନାହିଁ ।

୩ Mining Plan ପ୍ରସ୍ତୁତି ଓ ଅନୁମୋଦନ ବାବଦରେ ହୋଇଥିବା ସମସ୍ତ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

୪ ପ୍ରତ୍ୟେକ ଉତ୍ସ ପାଇଁ ପୃଥକ ଭାବେ ଆବେଦନ କରିବେ ।

୫ ପରିବେଶ ସମ୍ବନ୍ଧୀୟ ଅନୁମତି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଲିଜଧାରୀ ନିଜ ଖର୍ଚ୍ଚ ଓ ଦାୟୀତ୍ୱରେ ହାସଲ କରିବେ ।

୬ କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ କାର୍ଯ୍ୟାଦେଶ ନ ପାଇଲା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଖଣିଜ ପଦାର୍ଥ ଉଠାଇ ପାରିବେ ନାହିଁ ।

୭ ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ, ଯୋଗ ଓ ବିୟୋଗ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

୮ ଏ ସମ୍ବନ୍ଧୀୟ ସମସ୍ତ ବିଷୟ ODISHA MINOR MINERAL CONCESSION RULES, 2016 ଓ ତଦପରବର୍ତ୍ତୀ ସଂଶୋଧିତ ନିୟମାବଳୀ ଅନୁସାରେ ପରିଚାଳିତ ହେବ ।

## କନ୍ଧମାଳ ତହସିଲରେ ନିଲାମ ହେବାକୁ ଥିବା ଲଘୁ ଖଣିଜ ଡିକଉତ୍ସଗୁର ସଂପୂର୍ଣ୍ଣ ବିବରଣୀ

| କ୍ର. ସଂ. | ସୈରାତ ଉତ୍ସର ନାମ | ମୌଜା | ଖାତା ନଂ. | ପ୍ଲଟ ନଂ. | ରକବା (ଏକରରେ) | କିସମ | ରୟାଲିଟି (ଟଙ୍କାରେ) | ଅତିରିକ୍ତ ଦେୟ (ଟଙ୍କାରେ) | MGQ ଅନୁଯାୟୀ ବାର୍ଷିକ ଧାର୍ଯ୍ୟ ପରିମାଣ (in cum.) (Approx.) | ଅଗ୍ରୀମ ଦାଖଲ କରିବା EMD ରାଶିର ପରିମାଣ |
|---|---|---|---|---|---|---|---|---|---|---|
| ୧ | ଛପ୍ରା ବାଲିଘାଟ | ଛପ୍ରା | ୧୨୬ | ୬୫୨ (ଅଂଶ) | ୬.୨୦୦ | ନଦୀ (ତେଲ) | ୩୫-୦୦ | ୪୦.୦୦ | ୩୦୫୦ | ୨୨୮୭୫/- |
| ୨ | ଗମ୍ଭାରୀପଦର-ଡୀଲେଇମାଳ କ୍ଲଷ୍ଟର ବଲିଘାଟ | ଗମ୍ଭାରୀପଦର ଓ ଡୀଲେଇମାଳ | ୭୩ | ୧/୬୫୯ (ଅଂଶ) | ୫.୩୦ | ନଦୀ (ତେଲ) | ୩୫-୦୦ | ୭୦.୦୦ | ୨୫୦୦ | ୨୬୨୫୦/- |
| | | | ୯୯ | ୩୮୨ (ଅଂଶ) | ୪.୭୦ | | | | | |
| | | | | ମୋଟ | ୧୦.୦୦ | | | | | |

ତହସିଲଦାର, କନ୍ଧମାଳ ।